# NATIONAL NEWS BULLETIN (ODIA)

**24 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଯୁବବର୍ଗଙ୍କୁ ବଣ୍ଟନ କରାଯାଉଥିବା ନିଯୁକ୍ତିପତ୍ର ରାଷ୍ଟ୍ର ନିର୍ମାଣ ପାଇଁ ଏକ ନିମନ୍ତ୍ରଣ ପତ୍ର ବୋଲି କହିଲେ ପ୍ରଧାନମନ୍ତ୍ରୀ ।

–ନିଯୁକ୍ତିମେଳାରେ ୬୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ବଣ୍ଟନ କଲେ ନିଯୁକ୍ତିପତ୍ର

- ଦେଶର ବୟନଶିଳ୍ପ କ୍ଷେତ୍ର ୧୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, କହିଲେ ବୟନଶିଳ୍ପ ମନ୍ତ୍ରୀ

- ସମାଜରେ ଲିଙ୍ଗଗତ ଅସମାନତାକୁ ଦୂର କରିବା ଲକ୍ଷ୍ୟ ନେଇ ଆଜି ଦେଶବ୍ୟାପି ପାଳନ କରାଯାଉଛି ଜାତୀୟ କନ୍ୟା ଦିବସ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ପରସ୍ପରକୁ ଭେଟିବେ ଦିଲ୍ଲୀ କ୍ୟାପିଟାଲ୍ସ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ

---

## ପିଏମ୍‌–ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଯୁବବର୍ଗଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାରେ ସରକାର ପ୍ରୟାସ ଜାରି ରଖିଛନ୍ତି । ନୂଆଦିଲ୍ଲୀରୁ

ଆଭାସୀ ମାଧ୍ୟମରେ ୧୮ତମ ଜାତୀୟ ରୋଜଗାର ମେଳାକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଦେଶର ଯୁବବର୍ଗଙ୍କ ପାଇଁ ନୂତନ ମାର୍ଗ ଉନ୍ମୁକ୍ତ କରିବା ଲକ୍ଷ୍ୟ ନେଇ ଭାରତ ବିଭିନ୍ନ ଦେଶ ସହିତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ କରିଛି । ଦେଶର ଅର୍ଥନୀତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଜିଡିପି ଦ୍ୱିଗୁଣିତ ହୋଇଛି । ୧୦୦ରୁ ଅଧିକ ଦେଶ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ମାଧ୍ୟମରେ ଦେଶର ଅର୍ଥନୀତିକୁ ସୁଦୃଢ଼ କରିଛନ୍ତି । ୨୦୧୪ ତୁଳନାରେ ଏ କ୍ଷେତ୍ରରେ ଅଢ଼େଇଗୁଣ ବୃଦ୍ଧି ପାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM-Trade Agrement)**

ଜାନୁଆରୀ ୨୪ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସମ୍ବିଧାନ ଜନଗଣମନକୁ ଜାତୀୟ ସଂଗୀତ ଭାବେ ଏବଂ ବନ୍ଦେ ମାତରମ୍‌କୁ ଜାତୀୟ ଗୀତ ଭାବେ ମାନ୍ୟତା ପ୍ରଦାନ କରିଥିଲା । ଦେଶରେ ରୋଜଗାର ମେଳା ଏବେ ଏକ ଅନୁଷ୍ଠାନରେ ପରିଣତ ହୋଇଛି ।

ଏହି ମେଳାରେ ବଣ୍ଟନ କରାଯାଉଥିବା ନିଯୁକ୍ତିପତ୍ର ରାଷ୍ଟ୍ର ନିର୍ମାଣ ପାଇଁ ଏକ ନିମନ୍ତ୍ରଣ ପତ୍ର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଯୁବବର୍ଗଙ୍କ ଅନୁପ୍ରାଣିତ କରିବା ନେଇ ଏହା ଏକ ସଂକଳ୍ପପତ୍ର ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O (PM-Special Day)**

ଦେଶର ୪୫ଟି ସ୍ଥାନରେ ଆଜି ଅଷ୍ଟାଦଶ ରୋଜଗାର ମେଳା ଆୟୋଜିତ ହୋଇଛି । ବିଭିନ୍ନ ସରକାରୀ ବିଭାଗ ଏବଂ ସଂସ୍ଥାରେ ୬୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି ।

## ଗିରିରାଜ-ଟେକ୍ସଟାଇଲ୍

ଦେଶର ବୟନଶିଳ୍ପ କ୍ଷେତ୍ରରେ ଗତ ଦଶନ୍ଧି ମଧ୍ୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି ବୋଲି ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି। ନୂଆଦିଲ୍ଲୀରେ ଭାରତ ଅନ୍ତର୍ଜାତୀୟ ପୋଷାକ ମେଳା-ଆଇଆଇଜିଏଫ୍ ର ୭୪ତମ ସଂସ୍କରଣ ସମାବେଶକୁ ସମ୍ବୋଧିତ କରି ଶ୍ରୀ ସିଂ କହିଛନ୍ତି, ବୟନଶିଳ୍ପ କ୍ଷେତ୍ର ସର୍ବବୃହତ ନିଯୁକ୍ତି ସୃଷ୍ଟିକାରୀ ଶିଳ୍ପ ମଧ୍ୟରୁ ଅନ୍ୟତମ । ଗତ ୨୦୧୪ରେ ବୟନଶିଳ୍ପ କ୍ଷେତ୍ର ୮ ଲକ୍ଷ ୪୦ ହଜାର କୋଟି ଟଙ୍କାରୁ ବୃଦ୍ଧି ପାଇ ୧୬ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଶ୍ରୀ ସିଂ କହିଛନ୍ତି, ଗତବର୍ଷ ଘରୋଇ ବଜାର କ୍ଷେତ୍ର ମଧ୍ୟ ୬ ଲକ୍ଷ କୋଟିରୁ ୧୩ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ।

କୋଭିଡ଼ ମହାମାରୀ ପରଠାରୁ ଦେଶରେ ରପ୍ତାନୀ କ୍ଷେତ୍ର ୨୫ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିବା ଶ୍ରୀ ସିଂ କହିଛନ୍ତି । ଏହି ସମ୍ମିଳନୀ ଅନ୍ତର୍ଜାତୀୟ ପୋଷାକ କ୍ରେତା ଏବଂ ଦେଶର ବୟନଶିଳ୍ପ କ୍ଷେତ୍ର ପାଇଁ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ପାଲଟିଛି । ଏ କ୍ଷେତ୍ରରେ ଆମଦାନୀ ନିର୍ଭରଶୀଳତା ହ୍ରାସ ପାଇବା ସହ ଭାରତ ଅନ୍ତର୍ଜାତୀୟ ବଜାରରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି ବୋଲି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ।

---

# ନ୍ୟାଶନାଲ୍ ଗାର୍ଲ୍ ଚାଇଲ୍ଡ ଡେ

ସମାଜରେ ଲିଙ୍ଗଗତ ଅସମାନତାକୁ ଦୂର କରିବା ଲକ୍ଷ୍ୟ ନେଇ ଆଜି ଦେଶବ୍ୟାପୀ ଜାତୀୟ କନ୍ୟା ଦିବସ ପାଳନ କରାଯାଉଛି । କନ୍ୟା ସନ୍ତାନଙ୍କର ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ଏବଂ ବିକାଶ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ସମାଜର ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ସୁଯୋଗକୁ ବ୍ୟାପକ କରିବା ଏବଂ ଏ ସଂପର୍କିତ ଏକ ଇକୋସିଷ୍ଟମ୍ ସୃଷ୍ଟି କରିବା ପାଇଁ ଏହି ଦିବସ ଆହ୍ୱାନ ଦେଇଥାଏ । ୨୦୧୫ ଜାନୁଆରୀ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କନ୍ୟା ସନ୍ତାନଙ୍କ ଅଧିକାର ଏବଂ ସଶକ୍ତ କରିବା ଲକ୍ଷ୍ୟ ନେଇ ବେଟି ବଚାଓ ବେଟି ପଢ଼ାଓ ଅଭିଯାନର ଶୁଭାରମ୍ଭ କରିଥିଲେ । ସମାଜରେ କନ୍ୟାଭ୍ରୁଣ ହତ୍ୟା, ବାଲ୍ୟ ବିବାହ ଏବଂ ଲିଙ୍ଗଗତ ବୈଷମ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ଆହ୍ୱାନଗୁଡ଼ିକୁ ପ୍ରତିହତ କରିବା ଲକ୍ଷ୍ୟରେ ଏହି ଅଭିଯାନ ବେଶ୍ ସଫଳ ସାବ୍ୟସ୍ତ ହୋଇଛି । ୨୦୦୮ ମସିହାରୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପ୍ରଥମେ ଜାତୀୟ କନ୍ୟା ଦିବସ ପାଳନ କରାଯାଇଥିଲା ।

ଏହି ଦିବସ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି, ଦେଶ ନିର୍ମାଣରେ କନ୍ୟାସନ୍ତାନ ଏକ ଅମୂଲ୍ୟ ଶକ୍ତିକୁ ପ୍ରତିନିଧିତ୍ୱ କରୁଥିବା ବେଳେ ପ୍ରଗତିକୁ ତ୍ୱରାନ୍ୱିତ କରୁଛନ୍ତି । ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା ଭାରତୀୟ ସମାଜର ପ୍ରଥିତଯଶା ନାରୀଙ୍କର ଉଦାହରଣ ପ୍ରଦାନ କରିଛନ୍ତି। ସେ କହିଛନ୍ତି, ସରକାର ନାରୀକୈନ୍ଦ୍ରିକ ବିକାଶକୁ ଜାତୀୟ ପ୍ରଗତି ମାର୍ଗରେ ପ୍ରାଥମିକତା ପ୍ରଦାନ କରୁଛନ୍ତି ।

## ମନ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

---

## ରାଜନାଥ-ଏନ୍‌ସିସି

ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଗତିକରୁଥିବା ବେଳେ ଦେଶର ଯୁବବର୍ଗ ଏଥିପ୍ରତି ସତର୍କ ରହିବାକୁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ପରାମର୍ଶ ଦେଇଛନ୍ତି । ନୂଆଦିଲ୍ଲୀରେ ଗଣତନ୍ତ୍ର ଦିବସ ଶିବିରରେ ଜାତୀୟ ସମରଶିକ୍ଷାର୍ଥୀ ବାହିନୀ-ଏନ୍‌ସିସି କ୍ୟାଡେଟ୍‌ଙ୍କୁ ସମ୍ବୋଧନ କରି ଶ୍ରୀ ସିଂ କହିଛନ୍ତି, ଶୃଙ୍ଖଳା, ଦେଶପ୍ରେମ ଏବଂ ଯୁବକଙ୍କ ମଧ୍ୟରେ ଏକାଗ୍ରତା ଦୃଢ଼ କରିବାରେ ଏନ୍‌ସିସି ଏକ ବଡ଼ ମଞ୍ଚ ପ୍ରଦାନ କରୁଛି । ସଶସ୍ତ୍ର ବାହିନୀ ଅତ୍ୟନ୍ତ ଧୈର୍ଯ୍ୟ ଏବଂ ସୁବ୍ୟବସ୍ଥିତ ଢଙ୍ଗରେ ଅପରେସନ ସିନ୍ଦୂର ପଦକ୍ଷେପ ବେଳେ ପାକିସ୍ତାନରେ ଆତଙ୍କବାଦୀ ଶିବିରଗୁଡ଼ିକୁ ନଷ୍ଟ କରିଥିଲା । ଶ୍ରୀ ସିଂ କହିଛନ୍ତି, ଏନ୍‌ସିସି କ୍ୟାଡେଟ୍‌ଙ୍କ ମଧ୍ୟରେ ରହିଥିବା ଶୃଙ୍ଖଳା ଏବଂ

ଦେଶପ୍ରୀତି ସେମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଶକ୍ତିଶାଳୀ କରିଥାଏ । ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର ଦିଗରେ ଏନ୍‌ସିସି କ୍ୟାଡେଟ୍‌ଙ୍କ ଏଭଳି ଦୃଢ଼ତା ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଶ୍ରୀ ସିଂହ ଆଶାବ୍ୟକ୍ତ କରିଛନ୍ତି ।

## ଏମ୍‌ଇଏ ଇଣ୍ଡିଆ ୟୁକେ

ଭାରତ-ବ୍ରିଟେନ୍ ଦ୍ୱିପକ୍ଷିୟ ସହଯୋଗ ଭିତ୍ତିକ ସାମାଜିକ ସୁରକ୍ଷା ଚୁକ୍ତିନାମା ନେଇ ନୂଆଦିଲ୍ଲୀରେ ଆଲୋଚନା ଅନୁଷ୍ଠିତ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସଂପର୍କରେ ସୂଚନା ଦେଇ କହିଛି, ଉଭୟପକ୍ଷ ଏକ ପାରସ୍ପରିକ ଲାଭଦାୟକ ଚୁକ୍ତିନାମାରେ ସହମତି ପ୍ରକାଶ କରିଛନ୍ତି । ଉଭୟ ଦେଶର ନିଯୁକ୍ତିକ୍ଷେତ୍ର ଏବଂ ପ୍ରତିଭାଙ୍କୁ ଏହା ସୁଫଳ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ କହିଛି । ଗତ ୨୧ ଓ ୨୨ ତାରିଖରେ ଅନୁଷ୍ଠିତ ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ପି.ଏସ୍. ଗାଙ୍ଗାଧର ଏବଂ ବ୍ରିଟେନ୍‌ର ଜାତୀୟ ବୀମା ନୀତି ଉପନିର୍ଦ୍ଦେଶକ ଏଡ୍‌ମଣ୍ଡ୍ ହେୟାର୍ ନେତୃତ୍ୱ ନେଇଥିଲେ ।

## ଆକ୍ସିଲାରିଟର

ଭାରତରେ କାର୍ଯ୍ୟକାରି ହୋଇଥିବା ନୂତନ ସ୍କିଲ୍ ଆକ୍ସିଲରେଟର ପଦକ୍ଷେପ ବିଶ୍ୱସ୍ତରୀୟ ନେଟୱ୍ୱର୍କକୁ ମଜବୁତ କରିଛି ବୋଲି ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ଘୋଷଣା କରାଯାଇଛି । ୪୫ଟି ଦେଶର ଜାତୀୟ ଆକ୍ସିଲରେଟର ପ୍ରାୟ ୧୫ ନିୟୁତ ଲୋକଙ୍କୁ ସହଯୋଗ ପ୍ରଦାନ କରୁଛି । ସ୍ୱିଜରଲ୍ୟାଣ୍ଡର ଡାଭୋସ୍-କ୍ଲଷ୍ଟର୍ସ ଠାରେ ଆୟୋଜିତ ୫୬ତମ ବାର୍ଷିକ ବୈଠକର ଉଦ୍‌ଯାପନୀ ଅବସରରେ ଫୋରମ୍ ପକ୍ଷରୁ ଭାରତର ନୂତନ

ସ୍କିଲ୍ ଆକ୍ସିଲରେଟର ଏ କ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକୁ ସମାଧାନ କରିବାରେ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କୁହାଯାଇଛି । ଏଭଳି ପଦକ୍ଷେପ ଅର୍ଥନୈତିକ ବିକାଶ ଉପରେ କେନ୍ଦ୍ରୀଭୂତ ହେବା ସହ ମାନବସମ୍ବଳର ଉପଯୋଗ, କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ କ୍ଷେତ୍ର, ସ୍ଥାୟୀତ୍ୱ, ବାଣିଜ୍ୟ, ବୃତ୍ତିଗତ ତଥା ବ୍ୟବସାୟିକ ମୌଳିକତାକୁ ସମନ୍ୱିତ କରିପାରିଛି । ବିଶ୍ୱବ୍ୟାପୀ ୮୫୦ ନିୟୁତରୁ ଅଧିକ ଲୋକଙ୍କ ପାଖରେ ଏହାର ସୁଫଳ ପହଞ୍ଚାଇବା ବ୍ୟବସ୍ଥା କରାଯାଉଥିବା ନେଇ ଫୋରମ୍ ସୂଚନା ପ୍ରଦାନ କରିଛି । ଏଭଳି ପଦକ୍ଷେପର ଅଂଶ ସ୍ୱରୂପ ୨୫ରୁ ଅଧିକ ପ୍ରଯୁକ୍ତିବିଦ୍ୟା ଆଧାରିତ କମ୍ପାନୀ ୧୨୦ ନିୟୁତ କର୍ମଚାରୀଙ୍କୁ କୃତ୍ରିମ ବୁଦ୍ଧିମତ୍ତା ଉପକରଣ, ଦକ୍ଷତା ବିକାଶ ପ୍ରଶିକ୍ଷଣ ଏବଂ ନିଯୁକ୍ତି ସୁଯୋଗ ଉପଲବ୍ଧ କରାଇବାକୁ ସହମତି ପ୍ରଦାନ କରିଥିବା ଫୋରମ କହିଛି ।

## ବାଂଲାଦେଶ ସିକ୍ୟୁରିଟି

ବାଂଲାଦେଶର ଜମାତ୍ ଏ ଇସ୍‌ଲାମିକ୍ ଜାତୀୟ ସୁରକ୍ଷା ପାଇଁ ଏକ ବିପଦ ବୋଲି ବାଂଲାଦେଶ ନ୍ୟାଶନାଲିଷ୍ଟ୍ ପାର୍ଟି -ବିଏନ୍‌ପିର ମହାସଚିବ ମିର୍ଜା ଫକରୁଲ୍ ଆଶଙ୍କା ପ୍ରକାଶ କରିଛନ୍ତି । ଠାକୁରଗାଁ ଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରି ଫକରୁଲ୍ କହିଛନ୍ତି, ବାଂଲାଦେଶ ଗଠନ ଇଚ୍ଛାକରୁନଥିବା ଶକ୍ତିଙ୍କ ହାତରେ ଦେଶ କଦାପି ସୁରକ୍ଷିତ ରହିବ ନାହିଁ । ମୁକ୍ତିଯୁଦ୍ଧ ସମୟରେ ଜମାତ୍ ଏ ଇସ୍‌ଲାମୀ ବାଂଲାଦେଶକୁ ମୃତ୍ୟୁମୁଖକୁ ଠେଲିଦେଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି । ଆସନ୍ତା ନିର୍ବାଚନରେ ସଠିକ୍ ନିଷ୍ପତ୍ତି ନେବାକୁ ସେ ଭୋଟ୍‌ଦାତାଙ୍କୁ ଆହ୍ୱାନ ଦେଇଛନ୍ତି । ରାଜନୀତିରେ ଧର୍ମର ବ୍ୟବହାରକୁ ସେ ସମାଲୋଚନା କରିବା ସହ ସ୍ୱାଧୀନତା ବିରୋଧୀ ଶକ୍ତିଙ୍କୁ ସହଯୋଗ ନ କରିବାକୁ ଆହ୍ୱାନ ଦେଇଛନ୍ତି ।

# କ୍ରିକେଟ୍-ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଅଙ୍କତାଲିକାର ଶୀର୍ଷରେ ଥିବା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଚତୁର୍ଥ ସ୍ଥାନରେ ଥିବା ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଆଜି ସନ୍ଧ୍ୟାରେ ଭଦୋଦରା ଠାରେ ମ୍ୟାଚ୍ ଅନୁଷ୍ଠିତ ହେବ । ସନ୍ଧ୍ୟା ୭ଟା ୩୦ ମିନିଟ୍ ସମୟରେ ମ୍ୟାଚ୍ ଆରମ୍ଭ ହେବ । ପୂର୍ବତନ ଚମ୍ପିୟାନ୍ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁର ନେତୃତ୍ୱ ନେଉଥିବା ସ୍ମୃତି ମନ୍ଧାନା ଦଳର ଆଜି କ୍ରମାଗତ ଷଷ୍ଠ ବିଜୟ ହାସଲ କରିବା ଲାଗି ଉଦ୍ୟମ କରିବେ ।

---